# ଓଡ଼ିଶା ବିଧାନସଭା

## ଦ୍ୱିତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୨୭ ନଭେମ୍ବର ୨୦୨୪

----

**[କୃଷି ଓ କୃଷକ ସଶକ୍ତିକରଣ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ଶକ୍ତି - ସମବାୟ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଜ୍ଞାନ ଓ କାରିଗରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ଫଳ ଓ ପନିପରିବା ଚାଷର ବିକଶିତ କରଣ

***31 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକ ଯଥା ବଙ୍ଗିରିପୋଷି / ଶମାଖୁଣ୍ଟା / କୁଳିଅଣା (ଚାନ୍ଦୁଆ) ବ୍ଲକ ଫଳ ଓ ପନିପରିବା ଚାଷ ବିକଶିତ କରି ଚାଷୀମାନଙ୍କ ଆର୍ଥିକ ପ୍ରଗତି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

### ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ

***32 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ 10 ବର୍ଷ ମଧ୍ୟରେ ଖରିଫ୍ ଓ ରବି ଋତୁ ପାଇଁ କେତେ ଧାନ ସଂଗ୍ରହ ପାଇଁ ସ୍ଥିର ହୋଇଥିଲା, ପ୍ରକୃତରେ ସେହି ବର୍ଷ ଗୁଡିକରେ କେତେ ଧାନ ସଂଗ୍ରହ ହୋଇଛି, ସେହି ଧାନ ସଂଗ୍ରହ ଲକ୍ଷ୍ୟ ଓ ପ୍ରକୃତ ଧାନ କିଣାର ତଥ୍ୟ ବର୍ଷୱାରୀ ପ୍ରଦାନ କରିବେ କି ?

----

## ଓରିଡ଼ା ସଂସ୍ଥାକୁ ସୁଧାର

***33 ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ଥିବା ଓରିଡ଼ା ସଂସ୍ଥା ର ସୁଧାର ପାଇଁ ଏବଂ ସେଥିରେ ସ୍ୱଚ୍ଛତା ଏବଂ ଜନସାଧାରଣ ଉପଯୋଗି କରିବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ଧାନ ସଂଗ୍ରହ ପାଇଁ ଚାଷୀ ପଂଜିକରଣ

***34 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ 2023-2024 ଓ ଚଳିତ 2024-2025 ବର୍ଷରେ ସରକାରୀ ମଣ୍ଡିରେ ଧାନ ବିକ୍ରୟ ନିମନ୍ତେ କେତେ କେତେ ସଂଖ୍ୟକ ଚାଷୀ ପଂଜିକରଣ କରିଥିଲେ ଜିଲ୍ଲାୱାରୀ ତଥ୍ୟ ଦେବେକି, ଏବଂ (ଖ) 2023-2024 ତୁଳନାରେ ଚଳିତ 2024 2025 ବର୍ଷରେ କ୍ୱିଣ୍ଟାଲ ପିଛା 3100 ଟଙ୍କା ମିଳିବାର ସରକାରୀ ସିଦ୍ଧାନ୍ତ ସତ୍ତ୍ୱେ ପଂଜିକୃତ ଚାଷୀଙ୍କ ସଂଖ୍ୟା ହ୍ରାସ ପାଉଥିବା ସତ୍ୟ କି?

----

## ପ୍ରତି ପଞ୍ଚାୟତରେ L.I. Center ସ୍ଥାପନ

***35 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାର କେଉଁ ବ୍ଲକର କେଉଁ ପଞ୍ଚାୟତରେ L.I. Center ନାହିଁ, L.I. Center ନଥିବା ପଞ୍ଚାୟତରେ କେବେସୁଧା L.I. Center ସ୍ଥାପନ କରାଯିବ ?

----

## ଉତ୍ପାଦିତ ସାମଗ୍ରୀର ବଜାରକରଣ

***36 ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହସ୍ତତନ୍ତ୍ର ଓ ବୟନଶିଳ୍ପ କାରିଗରୀମାନଙ୍କର କୌଳିକ ବୃତ୍ତିର ସୁରକ୍ଷା ସହ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବଜାରିକରଣ ଓ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ସେମାନଙ୍କୁ ଆବଶ୍ୟକ କଞ୍ଚାମାଲ ଯୋଗାଇ ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ନୂତନ ଉଦ୍ୟୋଗ ମାନଙ୍କୁ ପ୍ରୋତ୍ସାହନ

***37 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ନୂତନ ଉଦ୍ୟଗୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି, ସେମାନଙ୍କ ତାଲିମ ତଥା ଆବଶ୍ୟକ ଅର୍ଥ ପାଇଁ କ'ଣ ସବୁ ପ୍ରାବଧାନ କରାଯାଇଛି , ଆଗାମୀ ୫ ବର୍ଷରେ ସରକାର କେଉଁ ଉଦ୍ୟୋଗ ସବୁକୁ ଅଗ୍ରାଧିକାର ଦେବାକୁ ଯାଉଛନ୍ତି ?

----

## ନୂତନ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା

*38 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ସ୍ଥାନରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଛି ଓ କେଉଁ କେଉଁ ସ୍ଥାନରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି , କେନ୍ଦ୍ରାପଡ଼ା ଜିଲ୍ଲା ବନ୍ତୋଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ନିମିତ୍ତ ଅର୍ଥ ମଞ୍ଜୁର ହୋଇସାରିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେବାର କାରଣ କଣ; ଏହି କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ହୋଇ କେବେ ସୁଦ୍ଧା ଶେଷ ହେବ ଓ ଜନସାଧାରଣଙ୍କ ପାଇଁ ଲୋକାର୍ପିତ ହେବ ?

----

## ଡାଲି ଉତ୍ପାଦନ ବୃଦ୍ଧି ନିମନ୍ତେ ପ୍ରୋତ୍ସାହନ

*39 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ସମୁଦାୟ ଡାଲିର ଚାହିଦା କେତେ ; ଆମ ରାଜ୍ୟରେ କେତେ ଡାଲି ଉତ୍ପାଦନ ହେଉଛି ; କେତେ ହେକ୍ଟର ଜମିରେ ଡାଲି ଚାଷ ହେଉଛି ; ଡାଲିର ଉତ୍ପାଦନ ବୃଦ୍ଧି ନିମନ୍ତେ ସରକାର କଣ କଣ ପଦକ୍ଷେପ ନେଉଛନ୍ତି ; କଣ ପ୍ରୋତ୍ସାହନ ଦେଉଛନ୍ତି ଓ କଣ ଯୋଜନା ରଖିଛନ୍ତି?

----

## ବଳକା ଚାଉଳ FCI ଠାରୁ କିଣିବା

*40 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୩ - ୨୪ ଆର୍ଥିକ ବର୍ଷରେ ଉଭୟ ଖରିଫ ଓ ରବି ଋତୁରେ ଯୋଗାଣ ବିଭାଗ ଚାଷୀଙ୍କଠାରୁ କେତେ ଧାନ କ୍ରୟ କରିଛନ୍ତି ଏବଂ ସେଥିମଧ୍ୟରୁ କେତେ ପରିମାଣର ଚାଉଳ FCI ସରକାରଙ୍କଠାରୁ କିଣିବ ଏବଂ କେତେ ବିକ୍ରି ହୋଇ ଗଚ୍ଛିତ ହୋଇ ରହିଛି; ବିକ୍ରି ନ ହୋଇ ଗଚ୍ଛିତ ହୋଇ ରହିଥିବା ଚାଉଳର ସଦୁପଯୋଗ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି, ବଳକା ଚାଉଳ କିଣିବା ପାଇଁ FCI କୁ କେତେଥର ଚିଠି ଲେଖିଛନ୍ତି ଏବଂ ଏଥିରୁ କିଛି ସୁଫଳ ମିଳିଛି କି ?

----

## Performance of private Energy distribution

*41 **Shri Kalikesh Narayan Singh Deo (Bolangir):**

Will the Minister for **Energy** be pleased to state that:- Could the Energy

Department provide an assessment of the performance of private energy distribution companies (DISCOMs) operating in Odisha; Specifically, what key performance indicators are used to evaluate their service efficiency and reliability, Since the introduction of private DISCOMS, has there been a measurable improvement in the reduction of transmission and distribution (T&D) losses; What are the specific figures for T&D losses before and after privatization, Private DISCOMs often set tariffs based on their operating costs. Could the department explain how tariff revisions are monitored; to ensure that private distributors are not overcharging consumers ?

----

## ଆସିକା ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର

*42 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ସମବାୟ ଚିନି ଶିଳ୍ପ ଲିଃ. ନୂଆଗାଁ 1963 ମସିହାରେ ସ୍ଥାପିତ ହୋଇ ଦୀର୍ଘଦିନ ହେବ ଲୋକମାନଙ୍କୁ ସେବା ଯୋଗାଇ ଆସୁଅଛି, ଗତ ସରକାରଙ୍କ ଦାୟୀତ୍ୱହିନ ଓ ପରିଚାଳନା ପରିଷଦର ଦୁର୍ନୀତି ଯୋଗୁଁ ବର୍ତ୍ତମାନ ଚିନି ଶିଳ୍ପ ଋଣ ଭାରରେ ବୁଡିଯାଇଛି, ତାହାର ପୁନଃରୁଦ୍ଧାର ନିତାନ୍ତ ଜରୁରୀ ଅଟେ, ଏହାର ପୁନଃରୁଦ୍ଧାର ପାଇଁ ଚିନି ଉତ୍ପାଦନ ସହ ଅନ୍ୟାନ୍ୟ କିଛି ଯୋଜନା ସାମିଲ କଲେ ଉକ୍ତ ଚିନି ଶିଳ୍ପ ବଞ୍ଚି ରହିପାରିବ ଯାହାକି ସରକାରଙ୍କ ନିକଟରେ ପ୍ରସ୍ତାବ ବିଚାରାଧିନ ଅଛି, ଏଣୁ ଉକ୍ତ ପ୍ରସ୍ତାବ ଗୁଡିକକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବେ କି ?

----

## Enhance export of fish product

*43 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- what steps had been taken by the State Govt. to enhance export of fish and fish products and what are the outcomes thereof, will the Government provide a year wise information for last five years ?

----

## OTM ଜାଗାକୁ Welspam କମ୍ପାନୀକୁ ହସ୍ତାନ୍ତର

*44 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାରସ୍ଥିତ OTM ସ୍ଥାନରେ Welspam କମ୍ପାନୀକୁ କେତେ ଜାଗା କେତେ ତାରିଖରେ ପ୍ରଦାନ କରାଯାଇଛି, କେତେ ଜାଗା ପ୍ରଦାନ କରିବାକୁ ଅଛି, ଜମି ବାବଦରେ Welspam କେତେ ଟଙ୍କା କେବେ ଠାରୁ ଦାଖଲ କରିଛି ଓ କେତେ ଅର୍ଥ ବକେୟା ଅଛି ଏଠାରେ କେବେ ସୁଦ୍ଧା Textiles Based Industries ଆରମ୍ଭ କରାଯିବ ଅବଗତ କରିବେ କି?

----

## ଶିଳ୍ପ ଉଦ୍ୟୋଗ ମାନଙ୍କୁ ଅଧିକ ପ୍ରାଧାନ୍ୟ ଦେବା

***45 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପଞ୍ଜିକୃତ ସମସ୍ତ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ମାନଙ୍କର ବ୍ୟବସାୟ(ଶିଳ୍ପ) ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ସୂଚିଭୁକ୍ତ କରାଯାଇ ରାଜ୍ୟରେ ଶିଳ୍ପଦ୍ୟୋଗୀମାନଙ୍କୁ ପ୍ରାଧାନ୍ୟ ଦିଆଯାଇ ସମସ୍ତ ବିଭାଗ ମାନଙ୍କରେ ସୂଚିଭୁକ୍ତ କରାଯିବାର ବ୍ୟବସ୍ଥା କରାଯିବ କି ; ଯାହାଦ୍ୱାରା ରାଜ୍ୟର ଶିଳ୍ପଦ୍ୟୋଗୀମାନେ ହିଁ ଉପକୃତ ହୋଇ ପାରିବେ?

----

## ନିର୍ମାଣାଧିନ science ପାର୍କର ଅଗ୍ରଗତି

***46 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱରରେ ବିଭାଗ ପକ୍ଷରୁ Science Park ନିର୍ମାଣ କରିବା କାର୍ଯ୍ୟର ଅଗ୍ରଗତି କଣ ଏବଂ ଉକ୍ତ ପାର୍କ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ, କେବେ ଆରମ୍ଭ ହେବ ଓ ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି, (ଖ) ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୨୪-୨୫ରେ ବାଲେଶ୍ୱର ଜିଲ୍ଲା ପାଇଁ କଣ ସବୁ କାର୍ଯ୍ୟ ହାତକୁ ନିଆଯିବ ତାହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଚାଷୀଙ୍କୁ ଉନ୍ନତମାନର ବିହନ ଓ ସାର ଯୋଗାଣ

***47 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନମଣ୍ଡଳୀରେ ସମୁଦାୟ 4ଟି ବ୍ଲକ ଓ NAC ଅଞ୍ଚଳରେ କେତେ ଚାଷୀ ଅଛନ୍ତି ଓ ସେମାନଙ୍କୁ ସରକାର ଗତ 5 ବର୍ଷ ଭିତରେ କି କି ପ୍ରକାର ପ୍ରୋତ୍ସାହନ କେଉଁସବୁ କ୍ଷେତ୍ରରେ ଦେବା ଉପକୃତ କରିଛନ୍ତି, କେତେ ଚାଷୀଙ୍କୁ କେତେ ଟଙ୍କା ସବସିଡିରେ କେବେ କେଉଁ କୃଷି ଯନ୍ତ୍ରପାତି ଯୋଗାଇ ଦେଇଛନ୍ତି, କେତେ ଚାଷୀଙ୍କୁ ଉନ୍ନତମାନର କେଉଁ ପ୍ରକାର ବିହନ, ସାର, କୀଟନାଶକ ଇତ୍ୟାଦି ଯୋଗାଇ ଦେଇଛନ୍ତି, ଫସଲବୀମା ଯୋଜନାରେ କେତେ ଲାଭବାନ ହୋଇଛନ୍ତି ଏସମସ୍ତ ତଥ୍ୟ ବର୍ଷୱାରୀ ବ୍ଲକୱାରୀ ଦେବେ କି ?

----

## ଧାନ ସଂଗ୍ରହର ନୀତି

***48 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଧାନ ସଂଗ୍ରହ କ୍ଷେତ୍ରରେ ସରକାରଙ୍କ ଚଳିତ ନୀତିଟି କଣ ଓ ଏହା ପୂର୍ବ ନୀତି ଠାରୁ କେଉଁ କେଉଁ ବିନ୍ଦୁ ଠାରୁ ଭିନ୍ନ ତାହା ଜଣାଇବେ କି; (ଖ) ପଞ୍ଜୀକୃତ ଚାଷୀଙ୍କ ଠାରୁ ସେମାନେ ଉତ୍ପାଦନ କରିଥିବା ସମସ୍ତ ଧାନ ଫସଲ କ୍ରୟ ପାଇଁ ସରକାର ବ୍ୟବସ୍ଥା କରିବେ କି; ଏବଂ ଆଧୁନିକ ଜ୍ଞାନ କୌଶଳର ଉପଯୋଗରେ କରାଯାଇଥିବା ଧାନ ଚାଷରେ କୃଷକ ସ୍ଥଳ ବିଶେଷରେ ଏକ ଏକର ଜମିରୁ ୨୦ ରୁ ୪୦ କୁଇଣ୍ଟାଲ ଧାନ ଅମଳ କରୁଥିବାରୁ ସରକାରୀ ପ୍ରକ୍ରିୟାରେ କିଣାଯାଉଥବା ୧୩ କୁଇଣ୍ଟାଲ ସିଲିଂ କୁ ସରକାର ବଢାଇବେ କି; ଯଦି 'ହଁ', ତେବେ କେବେ, ଯଦି ନା, ତେବେ କାହିଁକି ନୁହେଁ ?

----

## ଜଳବିଦ୍ୟୁତ ଉତ୍ପାଦନ ବୃଦ୍ଧି

*49 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଗତ ତିନି ବର୍ଷରେ ଜଳ ବିଦ୍ୟୁତ ଉତ୍ପାଦନ ହାର କେତେ, ପ୍ରକାଶ କରି ଜଳ ବିଦ୍ୟୁତ ଉତ୍ପାଦନ ବୃଦ୍ଧି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସମବାୟ ଜମିକୁ ଲିଜ ଦେବା

*50 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାର ସମସ୍ତ ସମବାୟ ସଂସ୍ଥାଗୁଡ଼ିକ ଅଧୀନରେ ଥିବା ଅନେକ ଜମିକୁ ଅଧିକାଂଶ ଲୋକ ବେନିୟମ ଭାବେ ଲିଜ ଆକାରରେ ନେଇ ତାହାକୁ ପରବର୍ତ୍ତୀ ସମୟରେ ବିକ୍ରି କରିଦେଇଥବାର ନଜରକୁ ଆସିଛି କି, କେଉଁ ସମବାୟ ସଂସ୍ଥା ଅଧୀନରେ କେତେ ଜମି ଥିଲା, ସେଥିପାଇଁ କେଉଁ କେଉଁ ଲୋକଙ୍କୁ ଲିଜ ଆକାରରେ ଦିଆଯାଇଛି ଏବଂ ସେହି ଜମିଗୁଡିକ ସେମାନଙ୍କ ପାଖରେ ରହିଛି ନା ସେମାନେ ଅନ୍ୟ କାହାକୁ ବିକ୍ରି କରିଦେଇଛନ୍ତି ଏବଂ ବିକ୍ରି କରାଯାଇଥିବା ଲିଜ ଜମିଗୁଡିକୁ ପୁନଃ ସମବାୟ ସଂସ୍ଥା ଖାତାକୁ ଆଣିବାର ବ୍ୟବସ୍ଥା କରିବେ କି ?

----

## ବାତ୍ୟା ଯୋଗୁଁ ମତ୍ସ୍ୟ ଓ ପଶୁସମ୍ପଦ କ୍ଷୟକ୍ଷତି

*51 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚଳିତ ବର୍ଷ ଦାନା ବାତ୍ୟାରେ କେତେ ଗୃହ ପାଳିତ ପଶୁ ମରିଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର କେତେ କ୍ଷୟ କ୍ଷତି ହୋଇଛି ଭଦ୍ରକ ଜିଲ୍ଲାରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର କ୍ଷୟ କ୍ଷତି ପରିମାଣ କେତେ ତାର ସବିଶେଷ ତଥ୍ୟ ଦେବେ କି ?

----

## ରାସାୟନିକ ସାର ଓ ଜୈବିକ ସାର ପ୍ରୟୋଗ

*52 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ କେଉଁ ଜିଲ୍ଲାରେ କେତେ ଶତାଂଶ ରାସାୟନିକ ସାର ଓ ଜୈବିକ ସାର ପ୍ରୟୋଗ ହୋଇଛି, ତାହାର ବିବରଣୀ ଦର୍ଶାଇ ଜୈବିକ ସାର ପ୍ରୟୋଗ ଯୋଗୁଁ ଜମିର ମୌଳିକତା ଓ ଉର୍ବରତା ହ୍ରାସ ପାଇବା ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜ୍ୟରେ ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଅଛି ?

----

## Pending of Ration Card Application

*53 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total number of eligible ration card applications that are currently pending for issuance or processing in the Barabati-Cuttack constituency;(b) By when can eligible applicants expect to receive their ration cards in the constituency, considering the new issuance process was supposed to commence in October 2024 and What is the reason for the delay in issuing these ration cards?

----

## ଗ୍ରାମ ଗୁଡିକୁ ପୂର୍ଣ୍ଣାଙ୍ଗ ବିଦ୍ୟୁତ କରଣ

*54 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାର କେଉଁ ବ୍ଲକର କେତୋଟି ଗ୍ରାମକୁ ଅଦ୍ୟାବଧି ବିଦ୍ୟୁତକରଣ କରାଯାଇନାହିଁ ପ୍ରକାଶ କରି ଏହି ଗ୍ରାମଗୁଡିକୁ କେବେସୁଦ୍ଧା ବିଦ୍ୟୁତକରଣ ପୂର୍ଣ୍ଣାଙ୍ଗ କରାଯିବ ?

----

## ପନି ପରିବା ବଜାର ପାଇଁ ମଣ୍ଡି ବ୍ୟବସ୍ଥା

*55 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Keonjhar ଜିଲ୍ଲାରେ Dhenkikote ଠାରେ ଉତ୍ପାଦିତ ପନିପରିବା ବଜାର ପାଇଁ ମଣ୍ଡି ବ୍ୟବସ୍ଥା କରିବେ କି ; ନୂଆ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ସରକାରଙ୍କର ଆଭିମୁଖ୍ୟ କଣ ; ଜିଲ୍ଲାର Dhenkikote ଠାରେ ଅତୀତରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ହୋଇଥିବା ସରକାର ଅବଗତ ଅଛନ୍ତି କି ; ଏହା କେବେ ପ୍ରତିଷ୍ଠା ହେବ ?

----

## ଖାଲିଥିବା କୃଷି ଅଧିକାରୀ ପଦବୀ ପୂରଣ

*56 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାଲଲହଡା ନିର୍ବାଚନ ମଣ୍ଡଳୀରେ ଖାଲିଥିବା କୃଷି ଅଧିକାରୀଙ୍କ ସଂଖ୍ୟା କେତେ, ଏହା ପୂରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଅଭାବୀ ଧାନ ବିକ୍ରି ରୋକିବାକୁ ପଦକ୍ଷେପ

*57 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତବର୍ଷ ପୁରୀ ଜିଲ୍ଲାରେ ଶାରଦ ଧାନ ଓ ଖରିଫ୍ ଧାନ ଚାଷୀଙ୍କ ଠାରୁ କ୍ରୟ ପାଇଁ କେଉଁଠାରେ ବ୍ୟବସ୍ଥା ହୋଇଛି, ପ୍ରକାଶ କରି ପୁରୀ ଜିଲ୍ଲାରେ ଅଭାବୀ ଧାନ ବିକ୍ରି ରୋକିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ବିଦ୍ୟୁତ୍ ହିତାଧିକାରୀଙ୍କୁ ସିକ୍ୟୁରିଟି ଜମା ପାଇଁ ନୋଟିସ୍ ଦେବା

*58 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଦ୍ୟୁତ୍ ହିତାଧିକାରୀମାନଙ୍କୁ କେଉଁ ଆଧାରରେ ବର୍ତ୍ତମାନ ସିକ୍ୟୁରିଟି ଜମା ଦାଖଲ ପାଇଁ ନୋଟିସ୍ ଧରାଇ ଦିଆଯାଉଛି, ଏହି ଅର୍ଥ କେଉଁ ଆଧାରରେ ଧାର୍ଯ୍ୟ କରାଯାଇଛି ଯେ ହିତାଧିକାରୀଙ୍କ ସିକ୍ୟୁରିଟି ଜମା ଅର୍ଥ କେଉଁ ଆକାଉଣ୍ଟରେ ରହିବ ଏବଂ ଏହା ଉପରେ କେତେ ପ୍ରତିଶତ ସୁଧ ପ୍ରଦାନ କରାଯିବ, ଜଣେ ବିଦ୍ୟୁତ୍ ଉପଭୋକ୍ତା କେତେ ବର୍ଷରେ ଥରେ ସିକ୍ୟୁରିଟି ଅର୍ଥ ଜମା କରିବାର ନିୟମ ରହିଛି ଏବଂ ବର୍ତ୍ତମାନ ସୁଦ୍ଧା ହିତାଧିକାରୀମାନେ କେତେ ଥର ଏହି ଅର୍ଥ ଜମା କରିଛନ୍ତି ତାହା ଅବଗତ କରାଇବେ କି, ସିକ୍ୟୁରିଟି ଜମା ବାବଦରେ କେଉଁ ଜିଲ୍ଲାରେ କେତେ ହିତାଧିକାରୀଙ୍କୁ ନୋଟିସ୍ ହୋଇଛି ଏବଂ ଏ ବାବଦରେ ମୋଟ୍ କେତେ ଅର୍ଥ ଆଦାୟର ଲକ୍ଷ୍ୟ କରାଯାଇଛି ?

----

## PACs participation in DCP procurement

*59 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many PACs are participated in DCP Procurement of paddy in the State, how many PACs have large weight machine and how many have paddy analyser, what is the amount of each PACs regarding commission of paddy procurement pending at DCCB level, will the Govt. give details district wise, PACs wise and year wise ?

----

## କୃଷି ଯନ୍ତ୍ର ପାତି ଦ୍ୱାରା Subsidy ପ୍ରଦାନ

*60 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ସହ ଗତ ୩ ବର୍ଷରେ ସମୁଦାୟ କେତେ କୃଷି ଯନ୍ତ୍ରପାତି ଯଥା- ଟ୍ରାକ୍ଟର, ପାୱାର ଟିଲର, ଧାନ ଅମଳ ଯନ୍ତ୍ର, Rotavator , ପାଣି ପମ୍ପ ସେଟ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି କେଉଁ କେଉଁ ଦୋକାନରୁ କେତେ ପରିମାଣର କେଉଁ କେଉଁ ଚାଷୀଙ୍କୁ ଏବଂ କେତେ Subsidy ପ୍ରଦାନ କରାଯାଇଛି ତାହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----